ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ଜାନୁୟାରୀ, ୨୦୨୩

**କାର୍ଯ୍ୟରେ ଯୋଗ ଦେଲେ ନୂତନ ସିଡିଏମଓ**

କୋରାପୁଟ,(ସ୍ୱ.ପ୍ର) କୋରାପୁଟ ଜିଲାର ନୂତନ ସିଡିଏମଓ ଭାବେ ଡାକ୍ତର ଗିରିଶ ଚନ୍ଦ୍ର ରାଉତ ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ସିଡିଏମଓ ଥିବା ଡାକ୍ତର ଅରୁଣ ପାଢ଼ୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଜିଲାରେ ଚାଲିଥିବା ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାକୁ ଅଧିକ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି।



## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ପର୍ବତୀ ଗିରିଙ୍କ ସ୍ମୃତିରେ ସେବା କାର୍ଯ୍ୟ



ଜୟପୁର,୧୯।୧ (ନି.ପ୍ର.)- ପଶ୍ଚିମ ଓଡ଼ିଶାର ମଦର ଟେରେସା ରୂପେ ପରିଚିତ ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଦିବସ ଅବସରରେ ଗୁରୁବାର ସ୍ଥାନୀୟ କେଶବ ସେବା ଟ୍ରଷ୍ଟ ଓ ଆଶୁତୋଷ ପାଠୀ ମେମୋରିଆଲ ସେବା ଟ୍ରଷ୍ଟ ପକ୍ଷରୁ ଜୟପୁର ଜଗନ୍ନାଥ ମନ୍ଦିର ପରିସର ସଫା କରାଯାଇଛି। ପର୍ବତୀଙ୍କ ଅତୁଳନୀୟ ସେବାର ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶାରେ ଏହି ଦିନକୁ ସେବା ଦିବସ ଭାବେ ପାଳନ କରାଯାଉଛି। ଉଭୟ ଟ୍ରଷ୍ଟର ଶତାଧିକ ସ୍ୱେଚ୍ଛାସେବୀ ଶ୍ରମଦାନ କରି ଜଗନ୍ନାଥ ମନ୍ଦିର ପରିସରକୁ ସଫା କରିଥିଲେ।

### ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦଶମନ୍ତପୁର,୧୯।୧( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ରାଧାକୃଷ୍ଣ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବର ଉଦଯାପିତ ହୋଇଯାଇଛି। ଅଧାପକ ଅର୍ତ୍ତତ୍ରାଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅଧକ୍ଷ ତ୍ରିନାଥ ପାତିକା, ମୁଖ୍ୟବକ୍ତା ପର୍ଶୁରାମ ସାହୁ ସମ୍ମାନିତ ଅତିଥି ରୂପେ ଅଧାପକ ସୁକାନ୍ତ ବାଣୁଆ, ଅଧାପକ ସରୋଜ ତୁଳ, ଯୋଗ ଦେଇଥିଲେ। ୮୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ନେଇ ୯ ଦିନ ଧରି ଏହି ତାଲିମ ଶିବିର ଚାଲିଥିଲା। ଏହି ଅବସରରେ ଛାତ୍ରୀମାନେ ଆତ୍ମସୁରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଦୁଇ ଛାତ୍ରୀ କୁମାରୀ ଅଙ୍କିତା ରାଣୀ ଖରା ଓ ଅଞ୍ଜୁମା ତାଲିମ ଦେଉଥିଲେ।

### ଦୁଇଦିନ ପରେ ବ୍ୟବଚ୍ଛେଦ ହେଲା ମହିଳାଙ୍କ ମୃତଦେହ

ମାଥିଲି,୧୯।୧ (ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲି ଥାନା ସାଲିମି ଫାଣ୍ଡି ଅନ୍ତର୍ଗତ ନୂଆଗୁଡା ଗ୍ରାମର ଇଶ୍ୱର ଭୂମିଆ ଙ୍କ ସ୍ତ୍ରୀ ଅମୃତା ଭୂମିଆ (୩୨)କୌଣସି ପାରିବାରିକ କଳହରୁ ନିଜେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ। ତେବେ ଅମୃତା ଭୂମିଆଙ୍କ ବାପା ମଙ୍ଗୁଳି ନେଙ୍ଗି ଝିଅର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିବା ମାଥିଲି ଥାନାରେ ଅଭିଯୋଗ କରିଛନ୍ତି। ମାଥିଲି ଥାନା ଅଧିକାରୀ ରଞ୍ଜନ ମାଝୀ ସାଲିମି ଫାଣ୍ଡି ଅଧିକାରୀ କୃତିବାସ ବେହେରାଙ୍କୁ ଘଟଣା ସ୍ଥଳକୁ ପଠାଇ ଏହାର ତଦନ୍ତ କରିଥିଲେ। ଜିଲା ପ୍ରଶାସନ ସହିତ ଆଲୋଚନା କରି ନୂଆଗୁଡା ଗ୍ରାମରୁ ଅମୃତାଙ୍କ ମୃତଦେହ ମାଥିଲି ଡ଼ାକ୍ତରଖାନାକୁ ଆଣି ବ୍ୟବଚ୍ଛେଦ ବ୍ୟବସ୍ଥା କରାଇଥିଲେ। ଅନ୍ୟପକ୍ଷରେ ମାଥିଲି ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଗୃହ ନ ଥିବାରୁ ମୃତଦେହ ଦୁଇଦିନ ଧରି ସେଠାରେ ପଡି ରହିଥିଲା। ପରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଜୟନ୍ତ ବେହେରା ଜାଣିବା ପରେ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଯିବା ନେଇ ବ୍ୟବସ୍ଥା କରିଥିଲେ। ଅନ୍ୟପକ୍ଷରେ ଅମୃତାଙ୍କ ବାପା ଅଭିଯୋଗକୁ ଭିତ୍ତି କରି ଘଟଣାର ଅଧିକ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ବେହେରା କହିଛନ୍ତି।

# କୋଣ୍ଡାଦୋରା ସମ୍ପ୍ରଦାୟକୁ ତଫସିଲଭୁକ୍ତ ଜନଜାତିର ମାନ୍ୟତା ନେଇ ପ୍ରକ୍ରିୟା ଆରମ୍ଭ

ଚିତ୍ରକୋଣ୍ଡା,୧୯।୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ନାଗଲୁରୁ, ପାପୁଲୁର ଏବଂ କୁରୁମାନୁର ପଞ୍ଚାୟତର ୧ହଜାରରୁ ଉର୍ଦ୍ଧ୍ୱ କୋଣ୍ଡାଦୋରା ସମ୍ପ୍ରଦାୟ ଲୋକଙ୍କୁ ତଫସିଲଭୁକ୍ତ ଜନଜାତିର ମାନ୍ୟତା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଜାତୀୟ ଜନଜାତି ଆୟୋଗ ପକ୍ଷରୁ ଅନନ୍ତ ନାୟକ ଓ ଡେପୁଟି ଡାଇରେକ୍ଟର ଆରକେ ଦୁବୋ ଏବଂ ସଦସ୍ୟ ପିକେ ପଲାଇ ମାଲକାନଗିରି ଜିଲା ଗସ୍ତ କରି ଚିତ୍ରକୋଣ୍ଡା ବ୍ଲକର ପାପୁଲୁର ଏବଂ ନାଗଲୁର ଗ୍ରାମକୁ ଯାଇ କୋଣ୍ଡାଦୋରା ଲୋକମାନଙ୍କ ଚଳଣି ଅନୁଧ୍ୟାନ କରିବା ସହ ସେମାନଙ୍କ ସହ ଆଲୋଚନା କରି ଫେରିଛନ୍ତି। ଜାତୀୟ ଜନଜାତି ଆୟୋଗ ସଦସ୍ୟଙ୍କ ଗସ୍ତ ସମୟରେ ନବରଙ୍ଗପୁର ସଂସଦୀୟ କ୍ଷେତ୍ରର ପ୍ରାକ୍ତନ ଏମ୍‌ପି ବଳଭଦ୍ର ମାଝୀ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ତହସିଲଦାର ଟି. ପଦ୍ମନାଭ ଦୋରା ଓ ବିଡ଼ିଓ ରଘୁନାଥ ମୁଣ୍ଡାରୀ ସମସ୍ତ ସହଯୋଗ କରିଥିଲେ।



ଜନଜାତି ଆୟୋଗ ସଦସ୍ୟମାନେ ଆଲୋଚନା କରୁଛନ୍ତି।

## ସମସ୍ତେ ସଚେତନ ହେଲେ ସଡ଼କ ଦୁର୍ଘଟଣା ହ୍ରାସ ପାଇବ: ଜିଲାପାଳ

କୋରାପୁଟ,୧୯।୧(ସ୍ୱ.ପ୍ର.)

କୋରାପୁଟ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସପ୍ତାହବ୍ୟାପୀ ଚାଲିଥିବା ସଡ଼କ ସୁରକ୍ଷା ସପ୍ତାହ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ଉଦ୍‌ଯାପିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ମାନସ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ଅବଦାଲ ଏମ୍. ଅଖତାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ନିୟମ ନେଇ ସମସ୍ତେ ସଚେତନ ହେଲେ ସଡ଼କ ଦୁର୍ଘଟଣା ହ୍ରାସ ପାଇବ। ଏହି ଦିବସର ସାର୍ଥକତା ପ୍ରମାଣିତ ହେବ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥିଭାବେ ବିଧାୟକ ରଘୁରାମ ପଡ଼ାଲ, ଅତିରିକ୍ତ ଏସ୍‌ପି ଉତ୍କଳ କେଶରୀ ଦାସ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଯୋଗଦେଇ ସଡ଼କ ସୁରକ୍ଷା ନିୟମ ସମସ୍ତେ ମାନିବା ଦରକାର। ଏହି ନିୟମ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି ମତ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ତପନ ବେଟି, ଜିଲା ସଡ଼କ ସୁରକ୍ଷା କମିଟିର ସଦସ୍ୟ ସତ୍ୟପ୍ରିୟ ନଳିନ ଟାକ୍ରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏମ୍‌ଭିଆଇ ମୋନା ଚନ୍ଦ୍ର ବିଶ୍ୱାସ, ସଞ୍ଜୟ ପାଠୀ ସହଯୋଗ କରିଥିଲେ । ଶିବାନୀ ଖରା ସଂଯୋଜନା କରିଥିଲେ ।

# ମଣ୍ଡି ପରିଦର୍ଶନ କଲେ ବିଧାନସଭା ଷ୍ଟାଣ୍ଡିଂ କମିଟି

ଜୟପୁର, ୧୯।୧ (ନି.ପ୍ର.)

ଜୟପୁର ଆର୍‌ଏମ୍‌ଏସି ୟାର୍ଡ ଧାନ ମଣ୍ଡକୁ ଗୁରୁବାର ବିଧାନସଭା ଷ୍ଟାଣ୍ଡିଂ କମିଟି ପରିଦର୍ଶନ କରିଛନ୍ତି। ଟିମ୍‌ରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିଧାୟକ ଅରବିନ୍ଦ ଢାଲି, ମେମ୍ବର ନିତ୍ୟାନନ୍ଦ ଗଣ୍ଡ ଥିଲେ । ଏହି କମିଟି ସହ ଜିଲା ପ୍ରଶାସନ ପକ୍ଷରୁ ଏଡିଏମ ରାଜେନ୍ଦ୍ର ମାଝୀ, ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା, ଏସିସିଓ ସୁଶୀଲ ଜେନା, ଏମ୍‌ଆଇ ହରି ଶରଣ ମଲ୍ଲିକ, ଆରଏମସି ସମ୍ପାଦକ ଚନ୍ଦ୍ର ସେଠିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି କମିଟି ପରଦର୍ଶନ ବେଳେ ଚାଷୀଙ୍କ ସମସ୍ୟା ବୁଝିବା ସହ ଧାନ କିଣା ବିକା ତଦାରଖ କରି ଏସ୍‌ଏଚ୍‌ଜି ସହ ଆଲୋଚନା କରିଥିଲେ। କିଛି ଚାଷୀଙ୍କୁ ଟୋକନ ମିଳି ନ ଥିବା, ମଣ୍ଡିରେ ଭିତ୍ତିଭୂମି ନ ଥିବା, ମିଲରମାନେ ଧାନ କ୍ରୟରେ ଅସହଯୋଗ କରିବା ନେଇ କମିଟି ନିକଟରେ ଚାଷୀ ଅଭିଯୋଗ କରିଥିଲେ। ଏହି ଟିମ୍ ତଥ୍ୟ ସମ୍ପର୍କିତ ରିପୋର୍ଟ ସରକାରଙ୍କୁ ଦେବେ ବେଲି ଜଣାପଡିଛି।




ଷ୍ଟାଣ୍ଡିଂ କମିଟି ସଦସ୍ୟ ଆଲୋଚନା କରୁଛନ୍ତି।

## ୩ ନିର୍ଯାତନା ଘଟଣାରେ ୯ ଜଣଙ୍କ ନାମରେ ମାମଲା

ଜୟପୁର, ୧୯।୧ (ନି.ପ୍ର.)

ଜୟପୁର ମହିଳା ଥାନାରେ ୩ଟି ନିର୍ଯାତନା ମାମଲା ରୁଜୁ ହୋଇଛି। ପୋଲିସ ୯ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୁନାବେଡାର ଲିପି ପାଙ୍ଗି ଗତ ୨୦୧୩ରେ ଡଙ୍ଗାଗୁଡାର ରାମ ବାହାଦୁର ଗୁରୁମଙ୍କୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀ ରାମ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଲିପି ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୋଲିସ ସ୍ୱାମୀ ରାମଙ୍କ ନାମରେ ୭/୨୩ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ହରଡାପୁଟର ମାର୍ଥା ତାରା ଗତ ୨୦୧୯ରେ ହାନାଗୁଡାର ଜାଫେଦ ବେନିଆଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ପରିବାର ଲୋକେ ମିଶି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ମାର୍ଥା ଥାନାରେ ଅଭିଯୋଗ କରିଥିଲେ। ସ୍ୱାମୀ ମାର୍ଥାଙ୍କ ସହ ୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି ଜୟପୁର ଧୋବା ସାହିର କୃତିଦିପା ମଲ୍ଲିକ ଗତ ୨୦୧୬ରେ କେ. ଶ୍ରୀନୁଙ୍କୁ ବିବାହ କରଥିଲେ। ପରେ ସ୍ୱାମୀ ଓ ଶାଶୁଘର ଲୋକେ କୃତିଙ୍କୁ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

## ପୌର ପ୍ରଶାସନର ଜବରଦଖଲ ଉଚ୍ଛେଦ



ପୌର ପରିଷଦ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଜୟପୁର, ୧୯।୧ (ନି.ପ୍ର.)

ଜୟପୁର ପୌରପାଳିକା ପକ୍ଷରୁ ଏନକେଟି ରୋଡରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏନକେଟି ରୋଡର ଗୋଟିଏ ପାର୍ଶ୍ୱରେ ଛୋଟ ଛୋଟ ଦୋକାନ ରହିଛି। ଏଠାରେ ଆଳିଆ ଆବର୍ଜନା ପଡି ରହି ରାସ୍ତା ଜାମ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ଏନେଇ ସହରବାସୀଙ୍କ ଦାବି ପରେ ଜୟପୁର ପୌର ପାଳିକା ଉଚ୍ଛେଦ ଆରମ୍ଭ କରିଛି । ଉଚ୍ଛେଦ ସମୟରେ ପୌର ଉପାଧ୍ୟକ୍ଷ ବି. ସୁନିତାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମାର୍ଶାଲ ଆର୍ଟରେ ଦେଶ, ରାଜ୍ୟ ପାଇଁ ଆଣୁଛନ୍ତି ଗୌରବ

ମାଲକାନଗିରି,୧୯।୧(ଡିଏନଏ):

**ଅନ୍ତର୍ଜାତୀୟ କ୍ରୀଡ଼ାବିତ ରାଜେଶ**



ମାଲକାନଗିରି ଭଳି ଉପାନ୍ତ ଜିଲାରୁ ଅନେକ ପ୍ରତିଭାବନ କ୍ରୀଡ଼ାବିତ ଭାରତକୁ ଗୌରବାନ୍ୱିତ କରିଆସିଛନ୍ତି। ତେବେ ଅନେକ କ୍ରୀଡାବିତ ଆର୍ଥିକ ଅଭାବ ଓ ସରକାରୀ ସହଯୋଗ ମିଳୁ ନ ଥିବାରୁ ସେମାନେ କ୍ରୀଡା କ୍ଷେତ୍ରରୁ ମୁହଁ ଫେରାଇ ନେଉଛନ୍ତି। ଏପରି ଜଣେ ଯୁବ କ୍ରିଡାବିତ ନିଜ କ୍ରିଡାର ବିକାଶ ପାଇଁ ଏବେ ସରକାରୀ ସହାୟତାକୁ ଅପେକ୍ଷା କରି ରହିଛନ୍ତି । ସେ ହେଉଛନ୍ତି ମାଲକାନଗିରି ଜିଲାର ପ୍ରତିଭାବନ ଆଦିବାସୀ ଯୁବକ ରାଜେଶ ପୂଜାରୀ। ନିଜ ଇଛାଶକ୍ତି ଏବଂ ଦୃଢ ମନୋବଳ ଯୋଗୁ ସେ ନିଜକୁ ଆନ୍ତର୍ଜାତୀୟ ମାର୍ଶାଲ ଆର୍ଟର ଜଣେ ସଫଳ କ୍ରୀଡ଼ାବିତ ଭାବେ ପରିଚିତ କରାଇଛନ୍ତି। ରାଜେଶ ନିଜେ ଭବିଷ୍ୟତରେ ଜଣେ ସଫଳ କ୍ରୀଡ଼ାବିତ ହେବାର ସ୍ୱପ୍ନ ଦେଖିଥିଲେ । ୟୁଟ୍ୟୁବ୍ ମାଧ୍ୟମରେ ବିଭିନ୍ନ ମାର୍ଶାଲ ଆର୍ଟ ଦେଖିଥିଲେ । ସେଥିପାଇଁ ସେ ନିଜକୁ ପ୍ରସ୍ତୁତ କରିବା ସହ ଜିଲା ପୋଲିସ ଟିମରେ ଅଭ୍ୟାସ ମଧ୍ୟ କରିଥିଲେ । ଏହି ଟିମରେ ତାଙ୍କୁ ପୋଲିସ ବିଭାଗର ଟ୍ରେନର ଭାବେ ତାଲିମ ମିଳିବା ପରେ ଆଗକୁ ବଢିବା ଲାଗି ଦୃଢ ହୋଇଥିଲେ। ବାପା ରାମ ପୂଜାରୀଙ୍କ ସ୍ୱଳ୍ପ ଆୟ ଯୋଗୁ ପରିବାର ଲୋକେ ରାଜେଶଙ୍କ ସହ ସହମତି ହୋଇ ନ ଥିଲେ । ୨୦୧୮ରେ ସେ ହାଇଦ୍ରାବାଦ ଚାଲିଗଲେ। ସେଠାରେ ୩ ମାସ ତାଲିମ ନେବା ପରେ ଜାତୀୟ ପ୍ରତିଯୋଗିତାରେ ନିଜକୁ ସାମିଲ କରି ହାଇଦ୍ରାବାଦ ପାଇଁ ରୌପ୍ୟ ପଦକ ହାସଲ କରିଥିଲେ। ରାଜ୍ୟ ପରେ ଜାତୀୟ ଏବଂ ଏବେ ସେ ଅନ୍ତର୍ଜାତୀୟ ମିକ୍ସ ମାର୍ଶାଲ ଆର୍ଟ କ୍ରୀଡ଼ାବିତ। ନିଜ ସଫଳତା ପାଇଁ ରାଜେଶ ମାଲକାନଗିରି ଜିଲାବାସୀ, ନିଜ ପରିବାର ଓ ନିଜ ଗୁରୁଙ୍କୁ ଶ୍ରେୟ ଦେଇଛନ୍ତି। ପୁଅକୁ ରାଜ୍ୟ ଓ କେନ୍ଦ୍ର ସରକାର କିଛି ସହାୟତା ଯୋଗାଇ ଦେଲେ ସେ ଆଗାମୀ ଦିନରେ ଭାରତକୁ ଅଧିକରୁ ଅଧିକ ପଦକ ଆଣି ଦେଶ ତଥା ନିଜ ଜନ୍ମ ମାଟି ପାଇଁ ଗୌରବ ଆଣିଦେଇପାରନ୍ତେ ବୋଲି ବାପା ରାମ ପୂଜାରୀ କହିଛନ୍ତି । ସରକାରୀ ସହାୟତା ମିଳିଲେ ରାଜେସ ଆହୁରି ଅଧିକ ସଫଳତା ପାଇ ପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

## ମ୍ୟାଲେରିଆ ନିୟନ୍ତ୍ରଣ ନେଇ ବୈଠକ



ମାଲକାନଗିରି, ୧୯।୧(ଡି.ଏନ.ଏ.)–

ମାଲକାନଗିରି ଜିଲା ସଦରସ୍ଥିତ ଏକ ହୋଟେଲରେ ମ୍ୟାଲେରିଆ ନିୟନ୍ତ୍ରଣ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଫୁଲ୍ଲ ନନ୍ଦଙ୍କ ତତ୍ତ୍ୱାବଧାନରେ ଏକ ବୈଠକର ଅନୁଷ୍ଠିତ ହେଇଯାଇଛି। ମ୍ୟାଲେରିଆକୁ କେମିତି ସହଜ ଓ ସରଳ ଉପାୟରେ ନିୟନ୍ତ୍ରଣ କରାଯାଇପାରିବ ସେନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ପୂର୍ବ ବର୍ଷ ତୁଳନାରେ ମ୍ୟାଲେରିଆ ଅନେକ ମାତ୍ରାରେ କମିଥିଲେ ମଧ୍ୟ ଏହାକୁ କିପରି ସମୂଳେ ବିନାଶ କରାଯାଇପାରିବ ସେଥିପାଇଁ ଜିଲାରେ ଘରୋଇ ସ୍ୱାସ୍ଥ୍ୟ ସେବା ଯୋଗଉଥିବା ବ୍ୟକ୍ତି ବିଶେଷଙ୍କୁ ବୈଠକରେ ସାମିଲ କରାଯାଇଥିଲା। ଆଗାମୀ ୨୦୩୦ ସୁଦ୍ଧା ଆମ ଜିଲାକୁ ମ୍ୟାଲେରିଆ ମୁକ୍ତ କରିବା ନେଇ ଗୁରୁତ୍ୱାରୋପ କରଯାଇଥିଲା। ଡାକ୍ତର ଧନଞ୍ଜୟ ମହାପାତ୍ର ପରିଚାଳନା କରିଥିଲେ।

## ପାରା ଅଲିମ୍ପିକ୍ସକୁ ମନୋନୀତ ରୁଦ୍ରଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୧୯।୧(ସ୍ୱ.ପ୍ର.)

- ୫ମ ଜାତୀୟ ମୁକ୍ତ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଜିତିଛନ୍ତି ୨ସ୍ୱର୍ଣ୍ଣ
- ଗୋଟିଏ ରୌପ୍ୟ ପଦକ

କୋରାପୁଟ ପୌର ପରିଷଦ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ରୁଦ୍ରନାରାୟଣ ସେଠୀଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ସେ ୫ମ ଜାତୀୟ ମୁକ୍ତ ଟାଏକୋଣ୍ଡୋ ପ୍ରତିଯୋଗିତାରେ ୨ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ଏଥିସହ ଆଗାମୀ ପାରା ଅଲିମ୍ପିକ୍ସ ପ୍ରତିଯୋଗିତାକୁ ରୁଦ୍ର ମନୋନୀତ ହୋଇଛନ୍ତି। ଏନେଇ ଅନୁଷ୍ଠିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜସନ ବେନିଆ, ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପାତ୍ର, ଶିକ୍ଷୟିତ୍ରୀ ସୁଷମା ପାତ୍ର, ଶୁଭ୍ରାରାଣୀ ପ୍ରଧାନ, ସଂଯୁକ୍ତା ଖରା, ପ୍ରତିମା ପଣ୍ଡା, ରୀନା ଦାଶ, ନର୍ମଦା ତ୍ରିପାଠୀ, ସିଆର୍‌ସିସି ପ୍ରଦୀପ ପାତ୍ର, ରୁଦ୍ରଙ୍କ ଜେଜେବାପା ନାରାୟଣ ସେଠୀ ଯୋଗ ଦେଇଥିଲେ। ଅତିଥିମାନେ ରୁଦ୍ରଙ୍କୁ ସମ୍ବର୍ଦ୍ଧିତକରି ଆଗାମୀ ପାରା ଅଲିମ୍ପିକ୍ସ ପ୍ରତିଯୋଗିତାକୁ ମନୋନୀତ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ବାଇକ୍‌ରୁ ଖସି ଯୁବତୀ ମୃତ

ଦଶମନ୍ତପୁର, ୧୯।୧ (ଡି.ଏନ. ଏ.)–

ଦଶମନ୍ତପୁର ବ୍ଲକ ପରଜାବେଡ଼ାପଦର ପଞ୍ଚାୟତ ସଦରଠାରେ ବାଇକ୍‌ରୁ ଖସି ପଡି ଜଣେ ଯୁବତୀଙ୍କ ଗୁରୁବାର ମୃତ୍ୟୁ ହୋଇଛି। ସେ ହେଲେ ମୟ ଜାନୀଙ୍କ ଝିଅ ଟିଙ୍ଗି ଜାନୀ (୨୨) ଏସମ୍ପର୍କରେ ପରିବାର ଲୋକେ ଦଶମନ୍ତପୁର ଥାନାରେ ଏକ ଏତଲା ଦେଇଛନ୍ତି। ଖବରରୁ ଜଣାପଡିଛି, ଟିଙ୍ଗି ଓ ତାଙ୍କ ମାମୁ ଝିଅ ମନେ ଜାନୀ ଗାଁ ନିକଟସ୍ଥ ବିଲରେ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଏକ ନମ୍ବରବିହୀନ ବାଇକ୍‌ରେ ଆସୁଥିବା ତଟାଗୁଡା ଗ୍ରାମର ଦାମ ଜାନୀ ନାମକ ଯୁବକ ଉଭୟଙ୍କୁ ଗାଡ଼ିରେ ବସିବାକୁ ବାଧ୍ୟ କରିଥିଲେ। ସେ ଦ୍ରୁତ ଗତିରେ ବାଇକ୍ ଚଳାଉଥିଲେ। ବାଟରେ ଟିଙ୍ଗି ବାଇକ୍‌ରୁ ଖସି ପଡ଼ିଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଗ୍ରାମର ସୁରେଶ ଖରା ଓ ସମେଶ ଜାନୀ ଏକ ଅଟୋରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଟିଙ୍ଗିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ମାମୁ ଝିଅ ମନେ କହିଛନ୍ତି। ଏନେଇ ଟିଙ୍ଗିଙ୍କ ବାପା ମୟ ଥାନାରେ ଏତଲା ଦେଇଛନ୍ତି। ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଥାନା ଅଧିକାରୀ ନିର୍ମଳା ଲିମା ପୋଲିସ ଟିମ ସହ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପୂର୍ଣ୍ଣ ଦରମା ଦାବି କଲା କାଗଜ କଳ ଶ୍ରମିକ ସଙ୍ଗଠନ

ଜୟପୁର,୧୯।୧ (ନି.ପ୍ର.)

ସେବା କାଗଜ କଳର ୪ଟି ଯାକ ୟୁନିଅନ ପ୍ରତିନିଧି ଗୁରୁବାର ଏକ ବୈଠକ କରି ମଦର ଆର୍ଥ କମ୍ପାନୀ ମ୍ୟାନେଜମେଣ୍ଟ ନିକଟରେ ଜାନୁୟାରୀରୁ ପୂର୍ଣ୍ଣ ଦରମା ଦେବାକୁ ଦାବି କରିଛନ୍ତି। ଏହି ଦରମା ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ଦେବାକୁ ସେମାନେ ଦାବି ଉପସ୍ଥାପନ କରିଥିବ ଜଣାପଡିଛି। ୨୦୨୧ ନଭେମ୍ବର-୨୫ରୁ ଶ୍ରମିକମାନଙ୍କୁ ପୁନଃ ଡ୍ୟୁଟିରେ ନେବା ପରେ କମ୍ପାନୀ ଅଧା ଦରମା ଅଗ୍ରୀମ ଆକାରରେ ଦେଉଛି। ଚାକିରିର ସର୍ତ୍ତାବଳୀ ପାଳନ କରୁନି। ଏହି ଲିଖିତ ଦାବିପତ୍ର ୟୁନିଟ ହେଡଙ୍କୁ ପ୍ରଦାନ କରାଯାଇଛି। ଦୁଇଦିନ ମଧ୍ୟରେ ବୈଠକ ଡାକି ବକେୟା ପାଉଣା ଏବଂ ଅନ୍ୟାନ୍ୟ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଅନ୍ତୁ କୁହାଯାଇଛି। ମ୍ୟାନେଜମେଣ୍ଟ ଚତୁରତାର ସହ ୫,୫୦୦ ଟନ ଉତ୍ପାଦନ ହେଲେ ସବୁ ଦେବାପାଇଁ ପଦକ୍ଷେପ ନେବ ବୋଲି କହୁଛି। ମାତ୍ର ଏପର୍ଯ୍ୟନ୍ତ ୨ଟିଯାକ ମେସିନ ଚଲେଇ ପାରିନି। ଗୁରୁବାର ୨ଟିଯାକ ମେଶିନ ବନ୍ଦ ରହିଛି। କଞ୍ଚାମାଲ କେମିକାଲ, କୋଇଲା ଓ କାଠ ଅଭାବ ଯୋଗୁ ଏପରି ପରିସ୍ଥିତି ଉପୁଜୁଛି। ଏହି ପତ୍ରରେ ପ୍ରଦୀପ ପାଙ୍ଗିଆ, ସରୋଜ ସୁଆର, ଡିକେ ମହାନ୍ତି, ଉଜବିନ ନାୟକଙ୍କ ସହ ଅନ୍ୟମାନେ ଦସ୍ତଖତ କରିଛନ୍ତି ।

# ୧୦ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

କୋରାପୁଟ,୧୯।୧(ସ୍ୱ.ପ୍ର.)

କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରେ ମୁକ୍ତା ଯୋଜନାରେ ୧ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ୧୦ଟି ପ୍ରକଳ୍ପକୁ ବିଧାୟକ ରଘୁରାମ ପଡାଲ ମୁଖ୍ୟଅତିଥି ରୂପେ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ମ୍ୟୁନିସିପାଲିଟି ଅଧୀନରେ ଥିବା ଚିନ୍ଦ୍ରିମାଳିଗୁଡା, ହାଉସିଂବୋର୍ଡ କୋଲନୀ, ଶାନ୍ତିନଗର, ଢେପସାହିରେ ନିର୍ମାଣ ହୋଇଥିବା ପରିଚୟ ଗୃହ, ରଥଶର୍ମା କୋଲନୀ, ଏଲଆଇସି କୋଲନୀ ଓ ହାଉସିଂ ବୋର୍ଡଠାରେ ନିର୍ମାଣ ହୋଇଥିବା ମିନି ପାର୍କ ଏବଂ ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ, ଶିଶୁ ମନ୍ଦିର ନିକଟରେ ନିର୍ମାଣ ହୋଇଥିବା ଖୋଲା ଜିମନାଜିମ ଏବଂ କୋରାପୁଟ ମ୍ୟୁନିସିପାଲିଟି ଜିମନାଜିମରେ ସ୍ଥାପିତ ନୂତନ ସାମଗ୍ରୀ ଆଦି ପ୍ରକଳ୍ପଗୁଡିକର ଉଦ୍‌ଘାଟନ ବିଧାୟକ ପଡାଲ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ସମସ୍ତ କାଉନସିଲରଙ୍କ ସମେତ କୋରାପୁଟ ଜିମନାଜିମର ସମ୍ପାଦକ ଭବାନୀ ଶଙ୍କର ମିଶ୍ର ଉପସ୍ଥିତ ଥିଲେ ।



ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ବିଧାୟକ ରଘୁରାମ୍ ପଡାଲ ।

# ୨୦ ଏକର ଜମିରେ କୋଟିଆରେ ଷ୍ଟ୍ରବେରି ଚାଷ

କୋରାପୁଟ,୧୯।୧(ସ୍ୱ.ପ୍ର.)

କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତ ଅଞ୍ଚଳରେ ଥଣ୍ଡା ଜଳବାୟୁ ଓ ଉତ୍ତମ ପରିବେଶ ଯୋଗୁ ଷ୍ଟ୍ରବେରି ଚାଷ ବେଶ୍ ଭଲ ହେଉଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଗତ ୨ ବର୍ଷ ହେଲା ଉକ୍ତ ଅଞ୍ଚଳରେ ଷ୍ଟ୍ରବେରି ଚାଷ ଆରମ୍ଭ କରିଛି। ଆଇଟିଡିଏ ଏହାର ଦାୟିତ୍ୱ ନେଇଛି। ଚଳିତ ବର୍ଷ ଏହି ଅଞ୍ଚଳରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରାୟ ୨୦ ଏକର ଜମିରେ ଜୈବିକ ପ୍ରଣାଳୀରେ ଷ୍ଟ୍ରବେରି ଚାଷ କରାଯାଉଥିବା ଜିଲାପାଳ ଅବଦାଲ ଏମ୍. ଅଖତାର କହିଛନ୍ତି। କୋଟିଆର ଜାନିଗୁଡ଼ା ଗ୍ରାମରେ ୩ ଏକର ଜମି, ଫାଟୁସିନେରି ଗ୍ରାମରେ ୯ ଏକର ଜମି ଓ ନୂଆଗାଁ ପଞ୍ଚାୟତର ଗାଲିଗାବଦର ଗ୍ରାମରେ ୮ ଏକର ଜମିରେ ଏହି ଚାଷ କରାଯାଉଛି । ଜୈବିକ ପ୍ରଣାଳୀରେ କରାଯାଉଥିବା ଏହି କୋଟିଆ ଷ୍ଟ୍ରବେରିର ଦାମ କେଜି ପ୍ରତି ୫ ଶହ ଟଙ୍କା ରଖାଯାଇଛି। ପ୍ରତି ୨ ଶହ ଗ୍ରାମକୁ ନେଇ ଏକ ପ୍ୟାକେଟ କରାଯାଇଛି । ଏହାର ମୂଲ୍ୟ ଶହେ ଟଙ୍କା ରଖାଯାଇଛି। ଫାଟୁସିନେରି ଗ୍ରାମରେ ୯ ଏକର ଜମିରେ ଏହି ଚାଷ ଗତ ମାସକ ତଳେ ଆରମ୍ଭ ହୋଇଥିବାବେଳେ ଜାନିଗୁଡା ଗ୍ରାମରେ ୩ ଏକର ଜମିରେ ହେଇଥିବା ଷ୍ଟ୍ରବେରି ଚାଷରୁ ବର୍ତ୍ତମାନ ଷ୍ଟ୍ରବେରି ଅମଳ ଆରମ୍ଭ ହୋଇଛି। ଗାଲିଗବଦର ଗ୍ରାମରେ ଆସନ୍ତା ସପ୍ତାହକ ମଧ୍ୟରେ ଅମଳ ହେବ ବୋଲି ଆଇଟିଡିଏର ଟେକନିକାଲ ଅଧିକାରୀ କାଶୀ ପ୍ରସାଦ ନାୟକ କହିଛନ୍ତି। ସେହିପରି ଏହି ଷ୍ଟ୍ରବେରି ଚାଷ ଓ ଏହାର ବିକ୍ରି ଦାୟିତ୍ୱ କୃଷି ପରାମର୍ଶଦାତା ଶିବ ବେହେରା ଓ ଯାନ୍ତ୍ରିକ ପରାମର୍ଶଦାତା ସତ୍ୟ ମହାନ୍ତି ନେଇଛନ୍ତି। ଜୈବିକ ପ୍ରଣାଳୀରେ କରାଯାଉଥିବା ଏହି ଷ୍ଟ୍ରବେରିର ଚାହିଦା ଜିଲା, ଜିଲା ବାହାରେ ଏବଂ ପଡୋଶୀ ଆନ୍ଧ୍ରରେ ରହିଛି।



ଜାନିଗୁଡ଼ା ଗ୍ରାମରେ ହୋଇଥିବା ଷ୍ଟ୍ରବେରି ଚାଷ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ଉମରକୋଟରେ ନୂତନ ଥାନାଧିକାରୀ



ଉମରକୋଟ, ୧୯।୧ (ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଉମରକୋଟ ଥାନାରେ ନୂତନ ଥାନାଧିକାରୀ ଭାବେ ଗୋବିନ୍ଦ ଚନ୍ଦ୍ର ବୁରୁଦା ଯୋଗଦେଇଛନ୍ତି। ଉମରକୋଟ ସହରର ଆଇନ ଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା, ଲୋକଙ୍କ ସହ ସୁସମ୍ପର୍କ, ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ ଏବଂ ଚୋରିକୁ ରୋକିବା ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସେ ରାଇଘର ଥାନାଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଉମରକୋଟ ପୂର୍ବତନ ଥାନାଧିକାରୀ ଦୀପକ ଜେନାଙ୍କୁ ପାପଡ଼ାହାଣ୍ଡି ଥାନାକୁ ବଦଳି କରାଯାଇଛି।

### କାଠଗଣ୍ଡି ଚାଲାଣବେଳେ ଜଣେ ଗିରଫ

କୋଡିଙ୍ଗା,୧୯।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଡିଙ୍ଗା ବନାଞ୍ଚଳ ଫାର୍ସାଗୁଡା ନିକଟରେ ବୁଧବାର ରାତିରେ କାଠଗଣ୍ଡି ଚାଲାଣ ହେବାବେଳେ କୋଡିଙ୍ଗା ବନ ବିଭାଗ ତାହାକୁ ଜବତ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ନବରଙ୍ଗପୁର ଥାନା ଜାମ୍ବଗୁଡା ଗ୍ରାମର ରମେଶ ବଞ୍ଜାରା। ପୋଲିସ କାଠଗଣ୍ଡି ଚାଲାଣରେ ବ୍ୟବହୃତ ଗାଡ଼ିକୁ ଜବତ କରିଛି। କାଠଗଣ୍ଡି ଚାଲାଣ ଖବରପାଇ କୋଡିଙ୍ଗା ରେଞ୍ଜର କାମେଶ୍ୱର ଆଚାରୀ ଏକ ଟିମ୍ ସହ ଫାର୍ସାଗୁଡା ନିକଟରେ ଜଗିଥିଲେ। ଏହି ସମୟରେ ଏକ ପିକ୍‌ଅପ୍ (ଓଡି-୨୪-୬୨୩୦)ରେ ୩ଟି ଶାଳ କାଠ ଗଣ୍ଡି ଚାଲାଣ ହେଉଥିବା ଦେଖି ତହାକୁ ଅଟକାଇଥିଲେ। ବନ ବିଭାଗ ଗାଡି ସହ କାଠ ଗଣ୍ଡି ଜବତ କରି ରମେଶଙ୍କୁ ଗିରଫ କରିଥିଲେ। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା କୋଡିଙ୍ଗା ରେଞ୍ଜର ଆଚାରୀ ସୂଚନା ଦେଇଥିଲେ। ପାଟ୍ରୋଲିଂରେ ରେଞ୍ଜରଙ୍କ ସମେତ କୋଡିଙ୍ଗା ବନପାଳ ପ୍ରଶାନ୍ତ ପାଢୀ, ବନରକ୍ଷୀ ଦୀପକ ପ୍ରଧାନ ଓ ପାରା ବନ ବିଭାଗ କର୍ମଚାରୀ ସାମିଲ ଥିଲେ।

### ଜିଲା ମଙ୍ଗଳ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନବରଙ୍ଗପୁର, ୧୯।୧(ବି.ପ୍ର.)- ନବରଙ୍ଗପୁର ଜିଲା ମଙ୍ଗଳ ଅଧିକାରୀଭାବେ ପଲକା ରବିନ୍ଦ୍ର କୁମାର ଯୋଗ ଦେଇଛନ୍ତି। ଜିଲା ଶିକ୍ଷା ଓ ଶିକ୍ଷା ନିରୀକ୍ଷକ ସଂଘ ପକ୍ଷରୁ ପଲକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନବରଙ୍ଗପୁର ଜିଲାର ମଙ୍ଗଳ ବିଭାଗର ସମସ୍ତ ବିଦ୍ୟାଳୟର ଠିକ୍ ପରିଚାଳନା ନିମନ୍ତେ ଦୃଷ୍ଟି ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସଂଘ ସଭାପତି ସାଧୁରାମ ଭତ୍ରା, ସମ୍ପାଦକ ରଞ୍ଜନ କୁମାର ବେହେରା,



ଉପଦେଷ୍ଟା ସୁକାନ୍ତ ସ୍ୱାଇଁ, ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ, ଉପସଭାପତି କାଳିକିଙ୍କର ପଟ୍ଟନାୟକ, ଶଶାଙ୍କ ତ୍ରିପାଠୀ, କୋଷାଧ୍ୟକ୍ଷ ସୁବେନ୍ଦୁ ବେହେରା, ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ପାତ୍ର, ପ୍ରଶାନ୍ତ କୁମାର ଜେନା, ଅବନୀ ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଏଥି ପୂର୍ବରୁ ପଲକା ରବୀନ୍ଦ୍ର କୁମାର ଜିଲା ମଙ୍ଗଳ ଅଧିକାରୀଭାବେ କାର୍ଯ୍ୟ କରୁଥିଲେ।




ରାୟଗଡ଼ା ଜିଲା ମୁନିଗୁଡ଼ା ଏସ୍‌ଏସ୍‌ଡି ହାଇସ୍କୁଲର ଛାତ୍ରୀଛାତ୍ର ଢେମସା ନୃତ୍ୟ ପରିବେଷଣ କରୁଛନ୍ତି।



ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ ହୋଇଥିବା ବ୍ୟକ୍ତି ବିଶେଷ।

# ଛାତ୍ରୀଛାତ୍ରଙ୍କ ଶାସ୍ତ୍ରୀୟ, ଲୋକନୃତ୍ୟ ମନମୋହିଲା

ରାୟଗଡ଼ା ଅଫିସ,୧୯।୧

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତିର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଶାସ୍ତ୍ରୀୟ ନୃତ୍ୟ ଏବଂ ଲୋକନୃତ୍ୟ ପ୍ରମୁଖ ଆକର୍ଷଣ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରେଳୱେର ବିଶାଖାପାଟଣା ଡିଆର୍‌ଏମ୍ ଅନୁପ କୁମାର ଶତପଥୀ ଯୋଗଦେଇ ଉପାନ୍ତ ଅଞ୍ଚଳବାସୀ ନିଜ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଥିବାରୁ ସେ ଆନନ୍ଦିତ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମ କୁମାର, ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, କୋରାପୁଟ ଏସ୍‌ପି ଅଭିନବ ଶଙ୍କର, ରାୟଗଡ଼ା ଜିଲାପାଳ

**ଚଇତି ଦ୍ୱିତୀୟ ସନ୍ଧ୍ୟା**

ସ୍ୱଧା ଦେବ ସିଂ, ଆଇଆରଟିଏସ୍ ସିନିୟର ଡିଭିଜନ କମର୍ସିଆଲ ମ୍ୟାନେଜର ଅଖିଳେଶ ତ୍ରିପଠୀ, ବୈଦେଶିକ ମନ୍ତ୍ରଣାଳୟର ଉପଶାସନ ସଚିବ ମାନସରାଜ ପଟେଲ, ଆସାମ ଗୌହାଟି ସ୍ଥିତ ଡେପୁଟି କମିଶନର(କଷ୍ଟମ ଜିଏସ୍‌ଟି) ମନୋଜ କୁମାର ଯାଦବଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଭାଲେରି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପିଲାଙ୍କ ଶାସ୍ତ୍ରୀୟ ନୃତ୍ୟ, ମୁନିଗୁଡ଼ା ସ୍ଥିତ ଏସ୍‌ଏସ୍‌ଡି ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଢେମସା ନୃତ୍ୟ, ହରିୟାଣା ସ୍ଥିତ ଧରମପୁତ୍ର କଳାମଞ୍ଚର ଆଞ୍ଚଳିକ ନୃତ୍ୟ, ଗଜପତିର ପାଇକ ଆଖଡ଼ା, ଗୁଣପୁର, କଲ୍ୟାଣସିଂହପୁର, ବେହେରାଗୁଡ଼ାର କଳାକାରଙ୍କ ଲୋକନୃତ୍ୟ ମନ ମୋହିଥିଲା। ବଲାଙ୍ଗୀରର ଘୁମୁରା ଏବଂ ରାୟଗଡ଼ା ଆଖପାଖ ଅଞ୍ଚଳର କଳାକାରଙ୍କ ଆଦିବାସୀ ନୃତ୍ୟ ମନକୁ ଛୁଇଁଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୮ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଛି।

## ପାର୍ବତୀ ଗିରିଙ୍କର ଜୟନ୍ତୀ ପାଳିତ

ରାୟଗଡ଼ା ଅଫିସ,୧୯।୧

ନେତାଜୀ ସଂଯୁକ୍ତ ଶାଖା ଆନୁକୂଲ୍ୟରେ ସାମାଜିକକର୍ମୀ ତଥା ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜୟନ୍ତୀ ଅବସରରେ ରାୟଗଡ଼ା ଠାରେ ଆର୍‌ଏସ୍‌ଏସ୍ ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତୀୟ ସେବା ଦିବସ ପାଳିତ ହୋଇଯାଇଛି। ଏହି ପରିପେକ୍ଷୀରେ ରାୟଗଡ଼ା ସହରର ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯିବା ସହ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖବରଦାତା ବାଦଲ କୁମାର ତା, ସାମାଜିକକର୍ମୀ ତଥା ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ବିଦ୍ୟୁଲତା ହୁଇକା, ଆଇନଜୀବୀ ପଦ୍ମନାଭ ଦାଶ ଉପସ୍ଥିତ ରହି ପାର୍ବତୀ ଗିରିଙ୍କ ଅବଦାନକୁ ମନେ ପକାଇଥିଲେ। ବ୍ରିଟିଶ ବିରୋଧରେ ଲଢ଼େଇ କରିବା ପାଇଁ ପାର୍ବତୀ ଗିରି ମାତ୍ର ୧୧ ବର୍ଷରେ ସ୍କୁଲ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ସମାଜସେବା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ବିଧବା ଓ ଅନାଥ ଶିଶୁଙ୍କ ଲାଗି ସେ 'କସ୍ତୁରବା ଗାନ୍ଧୀ ମାତୃ ନିକେତନ' ନାମରେ ଏକ ଆଶ୍ରମ ପ୍ରତିଷ୍ଠା କରିଥିଲେ। ନିରାଶ୍ରୟ ଶିଶୁଙ୍କ ପାଇଁ 'ଡକ୍ଟର ସାନ୍ତ୍ରା ବାଳନିକେତନ' ନାମରେ ଆଉ ଏକ ବାଳାଶ୍ରମ ଖୋଲିଥିଲେ। ୧୯୬୧ ମସିହାରେ ବିନୋବା ଭାବେଙ୍କ ଆହ୍ୱାନକ୍ରମେ ଭୂଦାନ ଆନ୍ଦୋଳନରେ ସାମିଲ ହୋଇ ଦୀର୍ଘ ୧୨ ବର୍ଷ ମଧ୍ୟପ୍ରଦେଶ, ଓଡ଼ିଶା, ବିହାର, ଉତ୍ତର ପ୍ରଦେଶ, କେରଳ, ଆସାମ ଆଦି ରାଜ୍ୟମାନଙ୍କରେ ପଦଯାତ୍ରା କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱୟଂ ସେବକ ଆଲୋକ ସ୍ୱାଇଁ, ବିଦ୍ୟା ଭୂଷଣ ପଣ୍ଡା, ଶ୍ୟାମ କୁମାର ଦାଶ, ଯୋଗେଶ୍ୱର ଦାଶ, ଭାଗିରଥି ଶତପଥୀ, ସତ୍ୟ ସେଠି, ଏମ୍. ବିଦ୍ୟାସାଗର, ଟି. ନାଗରାଜୁ, ଅଜୟ କୁମାର ଶର୍ମା, ସନ୍ତୋଷ କୁମାର ହିକ୍‌କା, ରାଜେଶ କୁମାର ପାଣିଗ୍ରାହୀ ଏବଂ ରାମଚନ୍ଦ୍ର ହୁଇକା ପରିଚାଳନା କରିଥିଲେ।

## 'ମୁଁ ଓଡିଆ ବୋଲି କାହିଁକି ଗର୍ବ କରିବି' କାର୍ଯ୍ୟକ୍ରମ




ମାଲକାନଗିରି,୧୯।୧(ଡି.ଏନ୍.ଏ.)

ମାଲ୍ୟବନ୍ତ ମହୋତ୍ସବ ଅବସରରେ ଗତ ୧୫ ତାରିଖରୁ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୁସ୍ତକ ମେଳା ଅନୁଷ୍ଠିତ ହୋଇଛି। ଏହି ବସରରେ 'ମୁଁ ଓଡିଆ ବୋଲି କାହିଁକି ଗର୍ବ କରିବି' ଶୀର୍ଷକ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲା ଯୋଜନା ଓ ପରିସଂଖ୍ୟାନ ଉପ ନିର୍ଦ୍ଦେଶକ ଗୋଲଖ ଚନ୍ଦ୍ର ଦଳେଇ, ଜେଏମ୍‌ଆର୍‌ଏସ୍ ଅଧ୍ୟକ୍ଷ ଚିତରଞ୍ଜନ ପଣ୍ଡା, ସହକାରୀ ଜିଲାପାଳ ଆର୍‌ସି ପରିଡା, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ କୋଷାଧ୍ୟକ୍ଷ ରଞ୍ଜନ ଚୌଧୁରୀ

**ପୁସ୍ତକମେଳା ପରିସରରେ ଆଲୋଚନାଚକ୍ର**

ପ୍ରମୁଖ ଅଂଶଗ୍ରହଣ କରି 'ମୁଁ ଓଡିଆ ବୋଲି କାହିଁକି ଗର୍ବ କରିବି ଶୀର୍ଷକ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, କ୍ରୀଡାବିତ୍‌ଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ କ୍ରୀଡା, ମହାପୁରୁଷ, ଇତିହାସ, ଦେଶ, ରାଜ୍ୟ ଓ ଜିଲାର ବରପୁତ୍ରମାନଙ୍କ ଉପରେ ପ୍ରଶ୍ନ ପଚରା ଯାଇଥିଲା। ଠିକ୍ ଉତ୍ତର ଦେଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ବିଚିତ୍ରାନନ୍ଦ ରାଉତ ପରିଚାଳନା କରିଥିଲେ।

## ଉଦ୍‌ଘାଟନୀ ମ୍ୟାଚ ଜିତିଲା ତେଲିଆ-୬ ଦଳ

### ତେଲିଆ ଗ୍ରାମରେ ଭଲିବଲ ମ୍ୟାଚ

ଜୟପୁର,୧୯।୧ (ନି.ପ୍ର.)

ରାଜ୍ୟରେ ଆୟୋଜନ ହୋଇଥିବା ହକି ବିଶ୍ୱକପକୁ ନଜରରେ ରଖି ପ୍ରତି ପଞ୍ଚାୟତରେ ଖେଳକୁଦ ଆୟୋଜନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଜୟପୁର ବ୍ଲକ ଜାମୁଣ୍ଡା ପଞ୍ଚାୟତର ତେଲିଆ ଗ୍ରାମରେ ଏକ ଭଲିବଲ ମ୍ୟାଚ ଆୟୋଜିତ ହୋଇଥିଲା। ମ୍ୟାଚରେ ୪ଟି ଦଳ ଯୋଗ ଦେଇଥିଲେ। ତେଲିଆ-୬ ଓ ଜିଉନାଗୁଡା-୬ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ତେଲିଆ-୬ ଦଳ ବିଜୟୀ ହୋଇଥିଲା। ସରପଞ୍ଚ ମନଧର ଗାଦବା ଓ ସମିତି ସଭ୍ୟ ସମାରୁ ଗାଦବା ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ପିଇଓ ଚନ୍ଦ୍ରଶେଖର ମହାପାତ୍ର ଓ ଜିଆରଏସ ସ୍ୱାଗତ ସାହୁ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ଜାମୁଣ୍ଡା ପଞ୍ଚାୟତରେ କ୍ରୀଡ଼ାର ବିକାଶ ନିମନ୍ତେ ଖେଳ ପଡିଆ ନିର୍ମାଣ କରାଯିବା ବୋଲି ସରପଞ୍ଚ କହିଥିଲେ। ଏହି ମ୍ୟାଚ ଦେଖିବାକୁ ପଞ୍ଚାୟତର ସମସ୍ତ ୱାର୍ଡ଼ ସଭ୍ୟ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କ ଘରୁ ୪୫ ଲକ୍ଷ ଟଙ୍କାର ଅଳଙ୍କାର, ୯ ଲକ୍ଷ ଚୋରି

ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.)

ରାୟଗଡ଼ା ସହରରେ ଚୋରି ବୃଦ୍ଧି ପାଉଛି। ବିଶେଷକରି ବନ୍ଦ ଘରକୁ ଦୁର୍ବୃତ୍ତ ଟର୍ଗେଟ କରୁଛନ୍ତି। ବ୍ୟାଙ୍କ କଲୋନୀ ସ୍ଥିତ ବ୍ୟବସାୟୀ କେ. ସାଇ ଶ୍ରୀନିବାସ ପୋଙ୍ଗଲ ପାଇଁ ଗାଁକୁ ଯାଇଥିବାବେଳେ ତାଲାଭାଙ୍ଗି ଘରୁ ୯ ଲକ୍ଷ ଟଙ୍କା ସମେତ ପ୍ରାୟ ୪୫ ଲକ୍ଷ ଟଙ୍କାର ସୁନା ଏବଂ ରୁପା ଅଳଙ୍କାର ଚୋରି କରି ନେଇଛନ୍ତି। ଏ ନେଇ ଶ୍ରୀନିବାସ ଗୁରୁବାର ଟାଉନ ଥାନାରେ ଏତଲା ଦେବାପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଶ୍ରୀନିବାସ ପୋଙ୍ଗଲ ପାଳନ ପାଇଁ ସପରିବାର ଗତ ୧୫ ତାରିଖରେ ଆନ୍ଧ୍ର ପ୍ରଦେଶର ପାର୍ବତୀପୁରମ ଯାଇଥିଲେ। ବୁଧବାର ସନ୍ଧ୍ୟାରେ ଘରକୁ ଫେରି କବାଟ ଖୋଲିବା ସମୟରେ ଇଣ୍ଟରଲକ୍ ତାଡ଼ି କବାଟ ଖୋଲାଯାଇଥିବା ଦେଖିଥିଲେ।

**ବନ୍ଦ ଘରକୁ ଟାର୍ଗେଟ କରୁଛନ୍ତି ଦୁର୍ବୃତ୍ତ**



ପରେ ଘରେ ଭିତରେ ଯାଞ୍ଚବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ୨ ଆଲମିରା ଭାଙ୍ଗି ସମସ୍ତ ସୁନା ଓ ରୁପା ଅଳଙ୍କାର ଏବଂ ଟଙ୍କା ଚୋରି କରି ନେଇଥିବା ଶ୍ରୀନିବାସ ଏତଲାରେ ଦର୍ଶାଇଛନ୍ତି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନି କୁକୁର ସହାୟତାରେ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

## ଅସ୍ଥାୟୀ ଜେଏମ୍‌ଏଫସି କୋର୍ଟ ନିର୍ମାଣ ଆରମ୍ଭ

ମୁନିଗୁଡ଼ା,୧୯।୧(ଡି.ଏନ୍.ଏ.)

ମୁନିଗୁଡ଼ା ବ୍ଲକରେ ବହୁ ପ୍ରତୀକ୍ଷିତ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ନେଇ ୨୦୧୭ରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ ଦୀର୍ଘଦିନ ହେଲା ତାହା ଶୀତଳ ଭଣ୍ଡାରରେ ପଡ଼ି ରହିଥିଲା। ମୁନିଗୁଡ଼ା ଅଧିବକ୍ତା ସଂଘ, ପ୍ରେସକ୍ଲବ ଓ ବିକାଶ ପରିଷଦର ବାରମ୍ବାର ଉଦ୍ୟମ ଏବଂ ଉପରିସ୍ଥ ଅଧିକାରୀ ମାନଙ୍କ ସହ ବାରବାର ସାକ୍ଷାତ ଆଲୋଚନା ଫଳରେ ତାହା ଏବେ ସଫଳ ରୂପାୟନ ହେବାକୁ ଯାଉଛି। ମୁନିଗୁଡ଼ା ଅଞ୍ଚଳ ଗସ୍ତରେ ଆସିଥିବା ସମୟରେ ଜିଲା ଦୌରାଜଜଙ୍କ ସହ ଅଧିବକ୍ତା ସଂଘ, ପ୍ରେସକ୍ଲବ ଓ ବିକାଶ ପରିଷଦର କର୍ମକର୍ତ୍ତା ମୁନିଗୁଡ଼ା ତହସିଲଦାର ଦେବାଶିଷ ଗୌଡ଼ଙ୍କ ସହ ବିଚାର ବିମର୍ଷ କରିବା ପରେ ତହସିଲ ପରିସରରେ ଥିବା ହଲକୁ ଅସ୍ଥାୟୀ କୋର୍ଟ ରୂପେ ବ୍ୟବହାର କରିବା ପାଇଁ ସ୍ଥିର କରାଯାଇଥିଲା। ପରେ ଏହି ହଲ୍‌ର ଆବଶ୍ୟକ ମରାମତି ଓ କୋର୍ଟ ରୂପ ଦେବାକୁ ଆବଶ୍ୟକ ଅର୍ଥ ଆସିବା ପରେ ଏବେ ଅସ୍ଥାୟୀ କୋର୍ଟ ନିର୍ମାଣ କାର୍ଯ୍ୟ ଯୁଦ୍ଧ କାଳୀନ ଭିତ୍ତିରେ ଚାଲିଛି।

## ବାଲ୍ୟବିବାହର କାରଣ ଖୋଜି ସଚେତନ କରିବା ଜରୁରୀ

ତେନ୍ତୁଲିଖୁଣ୍ଟି, ୧୯।୧(ଡି.ଏନ୍.ଏ.)

- ତେନ୍ତୁଳିଖୁଣ୍ଟି ବ୍ଲକରେ ବାଲ୍ୟବିବାହ ରୋକିଲା ପ୍ରଶାସନ
- ୩ ମାସରେ ଚତୁର୍ଥ ଘଟଣା

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲମତାଗୁଡ଼ା ପଞ୍ଚାୟତ ଅଧୀନ ଏକ ଗାଁରେ ବାଲ୍ୟବିବାହ ଚାଲିଥିବା ଖବରପାଇ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁରମା ମହାପାତ୍ର ସେଠାରେ ପହଞ୍ଚି ତାହାକୁ ବନ୍ଦ କରିଥିଲେ। ବିବାହ କରୁଥିବା ପୁଅର ବୟସ ୨୩ ହୋଇଥିବାବେଳେ ଝିଅ ନାବାଳିକା ଥିଲେ। ଉଭୟଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ତେବେ ଉଭୟ ପକ୍ଷଙ୍କ ସମ୍ମତିକ୍ରମେ ସେମାନଙ୍କ ବିବାହ କରାଯାଉଥିଲା। ସିଡିପିଓ ସୁରମା ମହାପାତ୍ର, ଲମତାଗୁଡ଼ା ସୁପରଭାଇଜର ସବିତା ଉପାସି, କଂଗ୍ରା ସୁପରଭାଇଜର ସବିତା ମଲ୍ଲିକ, ଖାତିଗୁଡ଼ା ପୋଲିସର କିଶୋରୀ ଭତ୍ରା,ତୁଳାରାମ କର୍କରା, ପୂର୍ଣ୍ଣଚନ୍ଦ୍ର କର୍କରା ଏବଂ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଉଭୟ ପୁଅ ଓ ଝିଅଙ୍କ ପରିବାରକୁ ବୁଝାଶୁଝା କରିଥିଲେ। ଝିଅକୁ ୧୮ ବର୍ଷ ହେବା ପରେ ବିବାହ କରାଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ ପକ୍ଷ ରାଜି ହୋଇଥିଲେ। ଅଧିକାରୀମାନେ ଉଭୟ ପରିବାରକୁ ବାଲ୍ୟବିବାହର କୁପରିଣତି ସମ୍ପର୍କରେ ବୁଝାଇଥିଲେ। ଆଇନ ଅନୁଯାୟୀ ବାଲ୍ୟବିବାହକୁ ଅପରାଧ ବୋଲି କହିଥିଲେ। ଏତେସବୁ ସଚେତନତା ସତ୍ତ୍ୱେ ବାଲ୍ୟ ବିବାହ ହେଉଥିବା ଉଦ୍‌ବେଗର ବିଷୟ। ତେନ୍ତୁଳିଖୁଣ୍ଟି ବ୍ଲକରେ ୩ମାସରେ ଏହା ଚତୁର୍ଥ ଘଟଣା। ବାଲ୍ୟବିବାହ ବନ୍ଦ କରିବାରେ ସକ୍ଷମ ହେଉଛି ପ୍ରଶାସନ, କିନ୍ତୁ କାହିଁକି ବାଲ୍ୟବିବାହରେ କାହିଁକି ରୋକ ଲାଗୁନି ତାହାର ତର୍ଜମା କରିବା ଜରୁରୀ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ପ୍ରେମ ସମ୍ପର୍କ ନା ନୈତିକ ଶିକ୍ଷାର ଅଭାବ ନା ପରମ୍ପରା ଏହାର ଉତ୍ତର ଖୋଜ ସଚେତନତା ବେଳେ ସେହି ଦିଗକୁ ଧ୍ୟାନଦେବାକୁ ସାମାଜିକ କର୍ମୀ ମତ ଦେଉଛନ୍ତି।

## ଦୁର୍ଘଟଣାରେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ

ରାଇଘର, ୧୯।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଜୁନାନି ଛକ ନିକଟରେ ଗୁରୁବାର ସକାଳ ୧୦ଟାରେ ଏକ ଦୁର୍ଘଟଣା ଘଟି ଡୁମୁରିମୁଣ୍ଡା ଡିଏନ୍‌କେ ହାଇସ୍କୁଲ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଶିକ୍ଷୟିତ୍ରୀ ନମିତା ସ୍ୱାଇଁ ଗୁରୁତର ଅଛନ୍ତି।

ସୂଚନାନୁଯାୟୀ, ରାଇଘରରୁ ବାଇକ୍ ଯୋଗେ ପ୍ରଧାନ ଶିକ୍ଷକ ନିରଞ୍ଜନ ଏବଂ ଶିକ୍ଷୟିତ୍ରୀ ନିବେଦିତା ସ୍କୁଲ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ତାଙ୍କୁ ଧକ୍କା ଦେଇଥିଲା। ସେମାନେ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ।

**ଗୁରୁତର ଶିକ୍ଷୟିତ୍ରୀଙ୍କୁ କୋରାପୁଟ ସ୍ଥାନାନ୍ତର**

ସେଠାରେ ଡାକ୍ତର ନିରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଶିକ୍ଷୟିତ୍ରୀ ନମିତା ସ୍ୱାଇଁଙ୍କୁ ପ୍ରଥମେ ଉମରକୋଟ ମେଡିକାଲ ଓ ପରେ କୋରାପୁଟ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଦୁର୍ଘଟଣା ଘଟାଇଥିବା ଥିବା ପିକ୍‌ଅପ୍‌କୁ ରାଇଘର ପୋଲିସ ଜବତ କରିଛି। ନିରଞ୍ଜନ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ରାଇଘର ମେଡିକାଲରେ ଛାତ୍ରୀଛାତ୍ର, ଶିକ୍ଷକଙ୍କ ଭିଡ଼ ଜମିଥିଲା। ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ପୂଜାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

ଉମରକୋଟ, ୧୯।୧(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନରେ ଆସୁଥିବା ପୂଜାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ଏହି ଟିମ୍‌ରେ ଡାକ୍ତର ସୁରେନ୍ଦ୍ର କୁମାର ନାୟକ, ଡାକ୍ତର ପୀୟୂଷ ରଞ୍ଜନ ମହାନ୍ତି, ଡାକ୍ତର ଜ୍ୟୋତି ସନ୍ଧ୍ୟା, ଜିଲା ମୁଖ୍ୟ ଚିକିତ୍ସାଳୟ ଡିପିଏମ୍ ସୁଶାନ୍ତ ପ୍ରହରାଜ, ଆଶା ସମନ୍ୱୟ ଅଧିକାରୀ ସଂଗ୍ରାମ କିଶୋର ପଣ୍ଡା ପ୍ରମୁଖ ପୂଜାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାୟାକଳ୍ପ ଓ ମୂଲ୍ୟ ନିର୍ଦ୍ଧାରଣ କରିବା ନିମନ୍ତେ ପରିଦର୍ଶନ କରିଥିଲେ। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡାକ୍ତର ଅଭୟ କୁମାର ଦେ, ଗୋଷ୍ଠୀ କାର୍ଯ୍ୟ ପରିଚାଳକ ଅଧିକାରୀ ଜଗନ୍ନାଥ ମିଶ୍ର ଏବଂ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

ରୋଗୀଙ୍କ ଖାଦ୍ୟ ପ୍ରସ୍ତୁତି ଗୃହ, ନିଃଶୁଳ୍କ ପରୀକ୍ଷାଗାର, କୁଷ୍ଠ ନିରାକରଣ ବିଭାଗ, ଅଣସଂକ୍ରମଣ ରୋଗର ପରାମର୍ଶ ବିଭାଗ, ଶୀତଳ ଜଞ୍ଜିର ବିଭାଗ, ଔଷଧ ବିତରଣ କେନ୍ଦ୍ର, ବହିର୍ବିଭାଗ, ରୋଗୀ ସେବାକେନ୍ଦ୍ର, ପଞ୍ଜୀକରଣ ବିଭାଗ, ପ୍ରସୂତି କକ୍ଷ, ଜନ୍ମମୃତ୍ୟୁ ପଞ୍ଜୀକରଣ ବିଭାଗ, ଅସ୍ତ୍ରୋପଚାର ଗୃହ, ଅନ୍ତଃବିଭାଗ, ଗୋଷ୍ଠୀ ଔଷଧାଗାର, ଗୋଷ୍ଠୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ, କୋଭିଡ୍ ପରୀକ୍ଷାଗାର, ସଫେଇ ବିଭାଗ ଗୃହ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ଫୁଲ,ଫଳ,ପରିବା ଉଦ୍ୟାନ ପରିଦର୍ଶନ କରିଥିଲେ। ଏହାପରେ ସଭାଗୃହରେ ସମସ୍ତ ଦଲିଲ ଅନୁଧ୍ୟାନ କରିଥିଲେ। ଶେଷରେ ସମସ୍ତ ବିଭାଗ ତଥା ସମସ୍ତ କର୍ମଚାରୀଙ୍କ ଉପରେ ଖୁସି ବ୍ୟକ୍ତ କରିଥିଲେ। ପ୍ରକାଶ ଯେ ପୂଜାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମଗ୍ର ରାଜ୍ୟରେ ୨୦୧୯-୨୦ ବର୍ଷରେ ୧୭, ୨୦୨୦-୨୧ରେ ୪, ୨୦୨୧-୨୨ରେ ୧୪ ନମ୍ବର ର୍‌ୟାଙ୍କରେ ରହିଥିଲା। କାୟାକଳ୍ପ ହେଉଛି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ନିରପେକ୍ଷ ଟିମ୍। ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆନୁଷଙ୍ଗିକ ସୁବିଧା ଦେଖି ଏହା ର୍‌ୟାଙ୍କ ପ୍ରଦାନ କରିଥାଏ।




କାୟାକଳ୍ପ ଟିମ୍ ସହ ଡାକ୍ତରଖାନା କର୍ମଚାରୀମାନେ।

## 'ନବରଙ୍ଗପୁରକୁ ଫାର୍ମିଂ ପର୍ଯ୍ୟଟନ ଜିଲାଭାବେ ଗଠନ କର'

ନବରଙ୍ଗପୁର,୧୯।୧ (ବି.ପ୍ର.)

ନବରଙ୍ଗପୁର ସର୍କିଟ ହାଉସ ନିକଟ ପଡ଼ିଆରେ ୫ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନବରଙ୍ଗପୁର କୃଷି ପ୍ରଧାନ ଜିଲା। ନୂତନ ଜ୍ଞାନକୌଶଳ ମାଧ୍ୟମରେ କୃଷିକ୍ଷେତ୍ରର ବିକାଶ ହେଉଛି । ବୈଜ୍ଞାନିକ ପଦ୍ଧତିରେ କୃଷକ ଚାଷ କରନ୍ତୁ । ପାରମ୍ପରିକ ଧାନ ଓ ମକା ଚାଷ ପରିବର୍ତ୍ତେ ବଜାର ଚାହିଦାକୁ ଦୃଷ୍ଟିରେ ରଖି ଉନ୍ନତମାନର ଆଦର୍ଶ ଚାଷକଲେ ଚାଷୀଙ୍କ ଆର୍ଥିକ ଉନ୍ନତି ହୋଇପାରିବ। ନବରଙ୍ଗପୁର ଜିଲାକୁ ଫାର୍ମି ପର୍ଯ୍ୟଟନ ଜିଲାଭାବେ ଗଠନ କରିବା ଲକ୍ଷ୍ୟରେ ଚାଷୀଙ୍କୁ ଆଗଭର ହେବାକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ କମଳଲୋଚନ ମିଶ୍ର ଉତ୍ସାହିତ କରିଥିଲେ।

ନବରଙ୍ଗପୁର ଦେଇ ରାୟପୁର ବିଶାଖାପଟଣାକୁ ସଂଯୋଗ କରୁଛି ଭାରତମାଳା ରାସ୍ତା। ରାସ୍ତା କାମ ସରିବା ପୂର୍ବରୁ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ବାହାରକୁ ପଠାଇବା ପାଇଁ ପ୍ରସ୍ତୁତ



ଅତିଥିମାନେ ଚାଷୀଙ୍କୁ ପମ୍ପ ସେଟ୍ ପ୍ରଦାନ କରୁଛନ୍ତି।

ହୁଅନ୍ତୁ। ରାୟପୁର ଓ ବିଶାଖାପାଟଣା ଦୁଇଟି ବଡ଼ ବଜାର ବ୍ୟବସ୍ଥା ପାଇଁ ନବରଙ୍ଗପୁର ଜିଲାକୁ ସୁଯୋଗ ଦେବ। ଜିଲାରେ ଟମାଟୋ ଦର କମ୍ ରହିଛି। ଚାଷୀ ମେଶିନ ଲଗାଇ ଟମାଟୋ ସସ୍ ତିଆରି କରିପାରିବେ। ଏ ନେଇ କୃଷି ବିଭାଗ ପକ୍ଷରୁ ସବ୍‌ସିଡି ଦିଆଯାଉଛି। ଲକ୍ଷେ ଟଙ୍କାରୁ ମଧ୍ୟ କମ୍ ଦରରେ ମେଶିନ ମିଳୁଛି। ନୂତନ ଜ୍ଞାନକୌଶଳ ଚାଷ ପଦ୍ଧତି ପାଇଁ ଚାଷୀ ଗୋଟିଏ ପାଦ ଆଗକୁ ବଢ଼ିଲେ ପ୍ରଶାସନ ୫ ପାଦ ଆଗକୁ ଆସି ଚାଷୀଙ୍କୁ ତାଲିମ ଦେବ। ବର୍ତ୍ତମାନ କୃଷି ବିଭାଗ କ୍ଷେତକୁ ଯାଇ ତାଲିମ ଦେଉଛି । କୃଷି ବିଭାଗ, କୃଷି ବୈଜ୍ଞାନିକ ଓ ପ୍ରଶାସନ ମଧ୍ୟ ସହଯୋଗ କରି ଆସୁଛି। ଏହି ସୁଯୋଗକୁ ହାତଛଡ଼ା ନ କରି ଚାଷୀ ଆଗକୁ ବଢ଼ନ୍ତୁ ବୋଲି ପରାମର୍ଶ ଦିଆଯାଇଛି।

ନବରଙ୍ଗପୁର ଜିଲାରେ ପରିବା, ଛେଳି, ଡେରୀ ଫାର୍ମ, କାଜୁ ଉତ୍ପାଦନ, ମାଛ, ଛତୁ ଓ ଚାଷ ଆଦି କ୍ଷେତ୍ରରେ ଅନ୍ୟ ଜିଲା ତୁଳନାରେ ବେଶ୍ ଆଗରେ। ଜଣେ ଇଞ୍ଜିନିୟରିଂ ଛାତ୍ର ୨୨ହଜାର କୁକୁଡ଼ା ରହିବା ଭଳି ମଲ୍ଟି ପରପୋଜ ଫାର୍ମ କରୁଛନ୍ତି। ଏଥିପାଇଁ ପ୍ରଶାସନ ପକ୍ଷରୁ ଆର୍ଥିକ ସହଯୋଗର ବ୍ୟବସ୍ଥା କରାଯାଇଛି ବୋଲି ଉଦାହରଣ ସହ କହିଥିଲେ। ୫ଦିନିଆ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ୪୫ ଷ୍ଟଲ୍ ହୋଇଥିଲା। ସେଥିରୁ ୨୫ ଷ୍ଟଲ୍‌ରେ ବ୍ୟବସାୟ କରାଯାଇଥିଲା। ୫ ଦିନରେ ୩ କୋଟି ୯୫ ଲକ୍ଷ ଟଙ୍କାର ବ୍ୟବସାୟ ହୋଇପାରିଛି। ଏହି ମେଳାରେ ୨ଶହ ଜଣ ଚାଷୀଙ୍କୁ ପମ୍ପ ସେଟ୍ ଓ ୧୬ ଚାଷୀଙ୍କୁ ସବ୍‌ସିଡି ମାଧ୍ୟମରେ ଟ୍ରାକ୍ଟର ପ୍ରଦାନ କରାଯାଇଛି। ୫ ଦିନିଆ ଏହି ମେଳାରେ ଜିଲାରେ ଚାଷୀକୁ ଉନ୍ନତମାନର କୃଷି ପ୍ରଣାଳୀ ଉପରେ ମଧ୍ୟ ତାଲିମ ପ୍ରଦାନ କାରାଯାଇଛି। ଜିଲାର ଉତ୍ତମ ଚାଷୀ ଓ ଫାର୍ମିଙ୍କୁ ଜିଲା କୃଷି ବିଭାଗ ପକ୍ଷରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ମୁଖ୍ୟ କୃଷି ଅଧିକାରୀ ଜି.ଭେଙ୍କଟ ରେଡ୍ଡୀ, ଆତ୍ମା ଜିଲା ପ୍ରକଳ୍ପ ଅଧିକାରୀ କମଳଲୋଚନ ନାୟକ ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳାକୁ ଓର୍‌ମାସର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ପରିଚାଳନା କରିବା ସହ ଏସ୍‌ଏଚ୍‌ଜିକୁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ।

